Adda247 GET IT ON Google Play

**CSM—1/23**

**PART—I/PAPER—I**

**ODIA LANGUAGE**

**ଓଡ଼ିଆ ଭାଷା**

Candidate must not write on this margin.

**Time : 3 Hours**

ସମୟ : ୩ ଘଣ୍ଟା

**Full Marks : 250**

ପୂର୍ଣ୍ଣ ସଂଖ୍ୟା : ୨୫୦

*The figures in the right-hand margin indicate marks.*

ଖାତାର ଡ଼ାହାଣ ପଟେ ପ୍ରତ୍ୟେକ ପ୍ରଶ୍ନର ମାର୍କ ଦର୍ଶାଯାଇଛି ।

*Answer **all** questions.*

ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ ଅଟେ।

୧. ନିମ୍ନଲିଖିତ ଯେକୌଣସି **ଗୋଟିଏ** ବିଷୟରେ ୮୦୦-୧୦୦୦ ଶବ୍ଦ ମଧ୍ୟରେ ପ୍ରବନ୍ଧ ଲେଖ : ୮୦

(କ) ବିଶ୍ୱ ମାତୃଭାଷା ଦିବସ

(ଖ) ପରିବେଶ ସଂରକ୍ଷଣ

(ଗ) ଓଡ଼ିଆ ସଂସ୍କୃତିର ମହିମା

(ଘ) ଶିକ୍ଷା ଉପରେ ପ୍ରଯୁକ୍ତି ବିଦ୍ୟାର ପ୍ରଭାବ

୨. ନିମ୍ନଲିଖିତ ଯେକୌଣସି **ପାଞ୍ଚଗୋଟି** ରଢ଼ିକୁ ଉପଯୁକ୍ତ ଅର୍ଥ ପ୍ରକାଶ କରୁଥିବା ବାକ୍ୟରେ ବ୍ୟବହାର କର : ୧୦

(କ) ଆପଣା ଶିଙ୍ଗରେ ମାଟି ତାଡ଼ିବା

(ଖ) ଗୁମର ଫିଟିବା

(ଗ) ଚକ୍ଷୁ କୁଟିବା

(ଘ) ମୁଣ୍ଡକୁ ହାତ ପାଇବା

(ଙ) ଗୃହଶତ୍ରୁ ବିଭୀଷଣ

(ଚ) ଗୋବର ଗଣେଶ

(ଛ) ନାକ ଘୋଷାରିବା

Test Prime

***ALL EXAMS, ONE SUBSCRIPTION***

**70,000+** Mock Tests

Personalised Report Card

Unlimited Re-Attempt

**600+** Exam Covered

Previous Year Papers

**500%** Refund

IBPS

NABARD

ATTEMPT FREE MOCK NOW

Adda247
GET IT ON Google Play

Candidate must not write on this margin.

୩. ନିମ୍ନଲିଖିତ ବିଶେଷୋକ୍ତି ଗୁଡ଼ିକରୁ ଯେକୌଣସି **ଦୁଇଟିର** ପ୍ରତ୍ୟେକକୁ ଏକଶହ ଶବ୍ଦ ମଧ୍ୟରେ ବ୍ୟାଖ୍ୟା କର : ୨୦

(କ) ଭେକ ଥିଲେ ଭିକ ମିଳେ

(ଖ) କୀଚକ ବାହୁବଳେ ବିରାଟ ରାଜା

(ଗ) ତୁଣ୍ଡ ବାଇଦ ସହସ୍ର କୋଶ

(ଘ) ଫମ୍ପା ମାଠିଆର ଶବଦ ବେଶୀ

(ଙ) ରୁକୁଣା ରଥ ଅଣ ଲେଉଟା

୪. ନିମ୍ନଲିଖିତ ଯେକୌଣସି **ପାଞ୍ଚଗୋଟି**କୁ ଏକପଦରେ ପ୍ରକାଶ କର : ୧୦

(କ) ବିଧିକୁ ଅତିକ୍ରମ କରି

(ଖ) ପାପକୁ ଆଚରଣ କରେ ଯେ

(ଗ) ଶତ୍ରୁକୁ ବଧ କରିଅଛି ଯେ

(ଘ) ପୁନଃ ପୁନଃ ଜଳୁଥିବା

(ଙ) ଯଶ ଅଛି ଯାହାର

(ଚ) ଦେଖିବାକୁ ଇଚ୍ଛୁକ

(ଛ) ନାହିଁ ଅନ୍ୟ ଉପାୟ ଯାହାର

୫. ନିମ୍ନଲିଖିତ ସମୋଚ୍ଚାରିତ ଶବ୍ଦଗୁଡ଼ିକରୁ **ପାଞ୍ଚଟିର** ଅର୍ଥ ଲେଖି ବାକ୍ୟରେ ବ୍ୟବହାର କର : ୧୦

(କ) ସିତ - ଶୀତ

(ଖ) ଦୀପ - ଦ୍ୱିପ

(ଗ) ନିଧାନ - ନିଦାନ

(ଘ) କୃତି - କୃତ୍ତି

(ଙ) ଚିର - ଚୀର

(ଚ) ଅବିହିତ - ଅଭିହିତ

(ଛ) ଚୂତ - ଚ୍ୟୁତ

Adda247 GET IT ON Google Play

୬. ନିମ୍ନଲିଖିତ ଯେକୌଣସି **ପାଞ୍ଚଟି** ଶବ୍ଦର ବିପରୀତାର୍ଥ ଶବ୍ଦ ଲେଖି ବାକ୍ୟ ଗଠନ କର : ୧୦

Candidate must not write on this margin.

(କ) କୃପଣ

(ଖ) ଚିକ୍କଣ

(ଗ) ଜ୍ୱଳନ୍ତ

(ଘ) ପ୍ରତ୍ୟୁଷ

(ଙ) ପ୍ରବୃତ୍ତି

(ଚ) ସଂକୋଚନ

(ଛ) ସୁବୋଧ

୭. ନିମ୍ନଲିଖିତ ଯେକୌଣସି **ପାଞ୍ଚଟି** ଶବ୍ଦର ସନ୍ଧି ବିଚ୍ଛେଦ କର : ୧୦

(କ) ସୂଚ୍ୟଗ୍ର

(ଖ) ପର୍ଯ୍ୟାଲୋଚନା

(ଗ) ଶୟନ

(ଘ) ଉଚ୍ଚାରଣ

(ଙ) ସଂସ୍କୃତି

(ଚ) ଦିଗମ୍ବର

(ଛ) ମନୋହର

୮. ନିମ୍ନଲିଖିତ ବିଗ୍ରହ ବାକ୍ୟକୁ ସମାସ କରି ଯେକୌଣସି **ପାଞ୍ଚଗୋଟିର** ସମସ୍ତପଦ ଲେଖ : ୧୦

(କ) ମାଂସକୁ ଭୋଜନ କରେ ଯେ

(ଖ) କାଳକୁ ଅତୀତ

(ଗ) ମାନବରୁ ଇତର

(ଘ) ଉଚିତକୁ ଅତିକ୍ରମ ନକରି

(ଙ) ବିଘ୍ନର ଅଭାବ

(ଚ) ଚାରି ମୁହାଣର ସମାହାର

(ଛ) ଶୋଭନ ଗ୍ରୀବା ଯାହାର



Adda247

Adda247

GET IT ON Google Play

must not write on this margin.

୯. ନିମ୍ନ ପରିଚ୍ଛେଦଟିକୁ ପାଠକରି ପରବର୍ତ୍ତୀ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ :

ମହାଭାରତ ଯୁଦ୍ଧ ସମୟରେ ଉତ୍କଳର ସ୍ଥିତି ବିଷୟରେ କିଛି ଜଣାଯାଏ ନାହିଁ, ମାତ୍ର ଖ୍ରୀଷ୍ଟପୂର୍ବ ୬ଷ୍ଠ ଶତକରେ ବୁଦ୍ଧଦେବଙ୍କ ସମୟରେ ଏହାର ସ୍ଥିତି ସ୍ୱୀକୃତ। ବିନୟପିଟକର ମହାବଗ୍ଗରେ ଏବଂ ଜାତକରେ ବର୍ଣ୍ଣିତ ତପସୁ ଓ ବଲ୍ଲୀକ ବ୍ୟବସାୟୀ ଭ୍ରାତୃଦ୍ୱୟ ଉତ୍କଳର ଲୋକ। ମଜ୍ଝିମନିକାୟରେ ଉକ୍କଳ ବୋଲି ଉଲ୍ଲେଖ ରହିଛି। ନନ୍ଦ ଏବଂ ମୌର୍ଯ୍ୟ ରାଜତ୍ୱ କାଳରେ ଉତ୍କଳର ରାଜନୈତିକ ସ୍ଥିତି ସ୍ୱୀକୃତ ନୁହେଁ। ଖାରବେଳଙ୍କ ପରେ ଉତ୍କଳର ସ୍ଥିତି ବିନ୍ଧ୍ୟପର୍ବତାଞ୍ଚଳରୁ ଉପକୂଳବର୍ତ୍ତୀ ଅଞ୍ଚଳକୁ ପରିବର୍ତ୍ତିତ ହେଲା; ମାତ୍ର ଖ୍ରୀଷ୍ଟୀୟ ୪ର୍ଥ ଶତକ ପର୍ଯ୍ୟନ୍ତ ଏହା ଉତ୍କଳ ପରିବର୍ତ୍ତେ ତୋଷଳ ବା ତୋଷାଳୀ ଭାବରେ ଜ୍ଞାତ ଥିଲା। ଏହି ସମୟ ମଧ୍ୟରେ ରଚିତ ଅଥର୍ବ ପରିଶିଷ୍ଟ, ଭରତଙ୍କ ନାଟ୍ୟଶାସ୍ତ୍ର ଏବଂ ଗଣ୍ଡବ୍ୟୂହ ଓ ଅନ୍ୟ କେତେକ ରଚନାରେ ଉତ୍କଳ ନଥାଇ ତୋଷଳ ବା ତୋଷଳୀ ଅଛି। ଖ୍ରୀଷ୍ଟୀୟ ୪ର୍ଥ ଶତାବ୍ଦୀର ମହାରାଜା ଶତ୍ରୁଭଞ୍ଜଙ୍କର ଅସମ୍ପତ୍ ଅଭିଳେଖରେ ଉଭୟ ତୋଷାଳୀର ଉଲ୍ଲେଖ ଅଛି। ତେଣୁ ତୋଷାଳୀ ଖ୍ରୀଷ୍ଟୀୟ ୪ର୍ଥ ଶତାବ୍ଦୀ ବେଳକୁ ଦୁଇଭାଗରେ ବିଭକ୍ତ ହୋଇଥିଲା। ଉତ୍କଳର ନାମ ୪ର୍ଥ ଶତାବ୍ଦୀରେ ପୁଣି ଆସିଲା ଏବଂ ଏହା କଳିଙ୍ଗ ନିକଟରେ ଅବସ୍ଥିତ ବୋଲି କାଳିଦାସଙ୍କ ରଘୁବଂଶରୁ ଜଣାଗଲା। ଏହା ଅନୁସାରେ ଉତ୍କଳର ବିସ୍ତୃତି ଥିଲା କପିଶାନଦୀ (ଆଧୁନିକ ମେଦିନୀପୁରର କସାଇ) ଠାରୁ କଳିଙ୍ଗର ଉତ୍ତରସୀମା ପର୍ଯ୍ୟନ୍ତ। ୫୮୦ ଖ୍ରୀଷ୍ଟାବ୍ଦରେ ରାଜା ଶମ୍ଭୁଯଶଙ୍କର ସାମନ୍ତ ସୋମଦତ୍ତଙ୍କ ଦ୍ୱାରା ସୋରୋ ତମ୍ବାପଟା ସନନ୍ଦ ଘୋଷଣା ସମୟରେ କଳିଙ୍ଗର ନାମ ହେଲା ଉତ୍ତର ତୋଷାଳୀ। ସୋରୋ ସନନ୍ଦର ଏକଶତ ବର୍ଷ ପୂର୍ବେ ମହାନଦୀର ଦକ୍ଷିଣ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରାଜତ୍ୱ କରୁଥିବା ରାଜା ପୃଥ୍ୱୀବିଗ୍ରହ ତାଙ୍କ ରାଜ୍ୟର ନାମ ଦେଇଥିଲେ କଳିଙ୍ଗରାଷ୍ଟ୍ର, ଯଦିଓ ସେତେବେଳେ କଳିଙ୍ଗ କହିଲେ ବୁଝାଉଥିଲା। ଗଙ୍ଗରାଜବଂଶୀ ଅଧୀନସ୍ଥ ଋଷିକୁଲ୍ୟାନଦୀଠାରୁ ନାଗାବଳୀ ନଦୀ ପର୍ଯ୍ୟନ୍ତ ଅଞ୍ଚଳ। ତେଣୁ କଳିଙ୍ଗରାଷ୍ଟ୍ର ଓ କଳିଙ୍ଗ ଦୁଇଗୋଟି ଭିନ୍ନ ରାଜ୍ୟ, ଦୁଇଗୋଟି ଭିନ୍ନ ରାଜବଂଶ ଅଧୀନରେ ଶାସିତ ହେବାଦ୍ୱାରା ଯେଉଁ ଅସୁବିଧା ଦେଖାଦେଲା, ତାହାକୁ ଦୂର କରିବା ପାଇଁ ପୃଥ୍ୱୀବିଗ୍ରହଙ୍କ ପରବର୍ତ୍ତୀ ରାଜା ଲୋକବିଗ୍ରହ କଳିଙ୍ଗରାଷ୍ଟ୍ରର ନାମ ପରିବର୍ତ୍ତନ କରିଦେଲେ ଦକ୍ଷିଣ ତୋଷାଳୀ।

(କ) କେଉଁ ଗ୍ରନ୍ଥରେ ତପସୁ ଓ ବଲ୍ଲୀକଙ୍କ ସଂପର୍କରେ ବର୍ଣ୍ଣନା ଅଛି?

(ଖ) ୪ର୍ଥ ଶତାବ୍ଦୀ ପର୍ଯ୍ୟନ୍ତ ଉତ୍କଳ କେଉଁ ନାମରେ ପରିଚିତ ଥିଲା?

(ଗ) କାଳିଦାସଙ୍କ ରଘୁବଂଶରୁ କ'ଣ ଜଣାପଡ଼ିଲା?

(ଘ) କେଉଁ ଘୋଷଣା ଅନୁଯାୟୀ କଳିଙ୍ଗର ନାମ ଉତ୍ତର ତୋଷାଳୀ ହେଲା?

(ଙ) ଗଙ୍ଗରାଜବଂଶୀ ଅଧୀନସ୍ଥ କେଉଁ ଅଞ୍ଚଳକୁ କଳିଙ୍ଗ କୁହାଯାଉଥିଲା?

Adda247

Adda247

GET IT ON Google Play

Candidate must not write on this margin

୧୦. ନିମ୍ନଲିଖିତ ପିରଚ୍ଛେଦଟିର ସାରାଂଶ ନିଜ ଭାଷାରେ ପ୍ରାୟ ଏକ ତୃତୀୟାଂଶ ଶବ୍ଦ ମଧ୍ୟରେ ଲେଖ।

ସ୍ୱାଧୀନତା ଲାଭ ପରେ କିନ୍ତୁ ଦୃଶ୍ୟପଟ ପରିବର୍ତ୍ତିତ ହେଲା। ସମ୍ବିଧାନ ପ୍ରଣେତାଗଣ ଆଦିବାସୀ ସମାଜର ସ୍ୱତନ୍ତ୍ର ସାମାଜିକ ଅର୍ଥନୈତିକ ପରିସ୍ଥିତି ଉପଲବ୍ଧି ପୂର୍ବକ ମୌଳିକ ଅଧିକାରରେ ସେମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବ୍ୟତିକ୍ରମ ନିର୍ଦ୍ଦେଶ କଲେ, ଯାହାର ଆଭିମୁଖ୍ୟ ଥିଲା ଫଳପ୍ରଦ ସୁରକ୍ଷା ପ୍ରଦାନ, ପରିପୂରଣାତ୍ମକ ସଂରକ୍ଷଣ ପ୍ରଚଳନ ଏବଂ ସର୍ବତୋମୁଖୀ ବିକାଶ ସାଧନ। ଏହାପରେ ଏହି ପରିବର୍ତ୍ତିତ ପରିସ୍ଥିତିରେ, ପାରମ୍ପରିକ ଆଦିବାସୀ ସମାଜ ସିଧାସଳଖ ଉନ୍ନୟନମୂଳକ ନୂତନ ପ୍ରକ୍ରିୟାର ସମ୍ମୁଖୀନ ହେଲା। କିନ୍ତୁ ଉଭୟ ଉନ୍ନୟନ ଯୋଜନାର ପ୍ରଣେତା ପକ୍ଷ ଓ ତା'ର ଗ୍ରହୀତା ଆଦିବାସୀ ପକ୍ଷଙ୍କ ମଧ୍ୟରେ ବିସ୍ମୟ ସୃଷ୍ଟି ହେଲା ଯେ କେହି କାହାପ୍ରତି ବିନା ଦ୍ୱିଧା ଓ ସଂଶୟରେ ହସ୍ତପ୍ରସାରଣ କରୁନାହାନ୍ତି। ପ୍ରଶ୍ନ ଉଠୁଛି, ଏହା କାହିଁକି ହେଉଛି? ଏହାର ଏକ ସମ୍ଭାବ୍ୟ କାରଣ ହୋଇପାରେ, ଆଦିବାସୀ ସମାଜର ପରମ୍ପରାରେ ଦୃଢ଼ମୂଳ ପ୍ରତିଷ୍ଠା ଏବଂ ସେହି କାରଣରୁ ନୂତନତା ପ୍ରତି ପରାଙ୍ମୁଖତା।

ଆଦିବାସୀ ଅଞ୍ଚଳରେ ଅନୁଷ୍ଠିତ ବିବିଧ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସ୍ପଷ୍ଟତଃ ନିର୍ଦ୍ଦେଶ କରେ ଯେ ପରିବର୍ତ୍ତନ ଆଣୁଥିବା ଯେ କୌଣସି ଯୋଜନାର ଅନୁମୋଦନ ବା ପରିବର୍ଜନ ପ୍ରସଙ୍ଗରେ ସାଂସ୍କୃତିକ କାରଣ ସମୂହ ହିଁ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ। ଏହା ମଧ୍ୟ ଲକ୍ଷ୍ୟ କରାଯାଏ ଯେ ଅର୍ଥନୀତି ସମ୍ପର୍କିତ ଯତ୍‌ସାମାନ୍ୟ ନୂତନ ପ୍ରକଳ୍ପ ମଧ୍ୟ ସାଂସ୍କୃତିକ ପରିପାର୍ଶ୍ୱକୁ ପ୍ରଭାବିତ କରିବାର ସମ୍ଭାବନା ଥିବାରୁ ତାହା କାର୍ଯ୍ୟକାରୀ କରିବା ପୂର୍ବରୁ ଭଲଭାବେ ବିଚାରଣୀୟ। ଏଭଳି ପରିସ୍ଥିତିରେ ଏହା ଆମର ଏକ ଭ୍ରାନ୍ତ ଓ ନିଷ୍ଫଳ ବିଶ୍ୱାସ ଯେ ଆଦିବାସୀ ଉନ୍ନୟନକୁ ତ୍ୱରାନ୍ୱିତ କରିବା ପାଇଁ ଉଦ୍ଦିଷ୍ଟ ଯନ୍ତ୍ରପାତି ଓ ଆଧୁନିକ ପ୍ରୟୋଗ କୌଶଳ ପ୍ରତି ସେମାନେ ହାତପାଖରେ ପାଇବାମାତ୍ରେ ଦ୍ୱିଧାହୀନ ଭାବେ ଆକୃଷ୍ଟ ହେବେ। ମାତ୍ର ଆମର ସ୍ମରଣ ରଖିବା ଉଚିତ ଯେ ଏସବୁ ଯନ୍ତ୍ରପାତି ଓ ପ୍ରୟୋଗବିଧି ଆଦିବାସୀ ଗୋଷ୍ଠୀ ମାନସିକତା, ମୂଲ୍ୟବୋଧ ଓ ସାମାଜିକ-ସାଂସ୍କୃତିକ ପ୍ରକରଣ ସହିତ ସମତାନିକ ନ ହେଲେ ସେସବୁ ନିଶ୍ଚିତ ଭାବେ ଅଗ୍ରାହ୍ୟ ହେବ। ଦୃଷ୍ଟାନ୍ତ ସ୍ୱରୂପ, ସ୍ୱାସ୍ଥ୍ୟରକ୍ଷା ଓ ପରିଚ୍ଛନ୍ନତା ସମ୍ପର୍କିତ ସାମାନ୍ୟ ନୂତନ ପ୍ରବର୍ତ୍ତନର ମଧ୍ୟ ଲୋକଙ୍କ ଚିରାଚରିତ ଅଭ୍ୟାସ ସହିତ ମେଳ ନଖାଇବାରୁ ପ୍ରତିରୋଧ କରାଯାଏ। ଏଣୁ ବାଚିକ ପ୍ରଶିକ୍ଷଣ କିମ୍ବା ବ୍ୟାବହାରିକ ପ୍ରଦର୍ଶନ ଆଦିବାସୀମାନଙ୍କୁ ସନାତନୀ ଜୀବନଧାରାରୁ ଅପସରି ଆସିବାକୁ ପ୍ରବୃତ୍ତ କରିପାରିବ ନାହିଁ, ଯଦି ତାହା ସେମାନଙ୍କ ଚିରାଚରିତ ଅଭ୍ୟାସ, ପ୍ରଥା ଓ ସଂସ୍କୃତିରେ ପରିବର୍ତ୍ତନ ସୃଷ୍ଟି କରେ। ବସ୍ତୁତଃ, ପ୍ରଥମେ ହିଁ ନୂତନ ଯୋଜନା ଓ ତା'ପ୍ରତି ଆଦିବାସୀମାନଙ୍କ ମନୋଭାବ ନିରୂପଣ କରି, ତା'ପରେ ଦ୍ୱିତୀୟ ପର୍ଯ୍ୟାୟରେ ଦେଖିବାକୁ ପଡ଼ିବ ଯେ ଆଦିବାସୀ ପରମ୍ପରା ସହିତ କିପରି ଏହାର ସଂଶ୍ଲେଷଣ କରିପାରିଲେ ଏହା ଗ୍ରହଣୀୟ ହୋଇପାରିବ।

Adda247
GET IT ON Google Play

Candidate must not write on this margin.

୧୧. ନିମ୍ନ ପରିଚ୍ଛେଦଟିକୁ ଇଂରାଜୀରେ ଅନୁବାଦ କର : ୨୦

ଓଡ଼ିଶାର ଭୌଗୋଳିକ ପରିସ୍ଥିତି ଲବଣ ବ୍ୟବସାୟର ଖୁବ୍ ଅନୁକୂଳ। ପ୍ରାକୃତିକ ଓଡ଼ିଶାର ପୂର୍ବଦିଗର ସୀମା ବଙ୍ଗୋପସାଗରର ଉପକୂଳ। ସନାତନ କାଳରୁ ଓଡ଼ିଆମାନେ ପ୍ରକୃତିଦତ୍ତ ଏହି ସୁଯୋଗକୁ ପୂର୍ଣ୍ଣମାତ୍ରାରେ ବ୍ୟବହାର କରିବାକୁ ଭୁଲି ନାହାନ୍ତି। ଓଡ଼ିଶାର ନୌବାଣିଜ୍ୟ ଭାରତର ବାହାରରେ ଦୂରଦୂରାନ୍ତରେ ବ୍ୟାପି ରହିଥିଲା। ଶତଶତ ବୋଇତ ଓଡ଼ିଶା ଉପକୂଳରେ ଭାସୁଥିଲା। ଲକ୍ଷ ଲକ୍ଷ କୋଟି କୋଟି ଟଙ୍କା ବିଦେଶରୁ ସ୍ୱଦେଶକୁ ଆସୁଥିଲା। ସମୁଦ୍ରର ଅସରନ୍ତି ଲବଣଦ୍ରବ୍ୟର ସଦ୍-ବ୍ୟବହାର କିପରି କରିବାକୁ ହେବ, ତାହା ଓଡ଼ିଆମାନେ ଜାଣିଥିଲେ। ଲକ୍ଷ ଲକ୍ଷ ଟଙ୍କାର ଲୁଣ ଆମଦାନୀ କରି ନିଜେ ବ୍ୟବହାର କରି ବଳକା ଜିନିଷକୁ ଅନ୍ୟ ସ୍ଥାନରେ ବିକ୍ରୀ କରୁଥିଲେ। ଲୁଣମରା ବ୍ୟବସାୟ ଓଡ଼ିଶାରେ ଅତି ପ୍ରାଚୀନ। ଓଡ଼ିଶା ଇଂରେଜମାନଙ୍କ ଶାସନାଧୀନ ହେବା ପୂର୍ବରୁ ଏ ଦେଶରେ ଲୁଣମରା ବ୍ୟବସାୟ ପୂର୍ଣ୍ଣମାତ୍ରାରେ ଥିଲା।

୧୨. ନିମ୍ନ ପରିଚ୍ଛେଦଟିକୁ ଓଡ଼ିଆରେ ଅନୁବାଦ କର : ୨୦

The Satrughaneshwara temple is in a sequence of Lakshamneshvara temple. Both are in a row opposite to Ramesvara temple of a much later date. These ones have been regarded as the earliest temples of about end of the 6th Century or the beginning of the 7th Century AD. The antiquity has been determined from the paleography of the labels on the grahas carved on the lintel of the northern most temples. Except the sculptured frontage of the southern most temple which had survived longer, the rest of them had already crumbled. Later on, the remains were also dismantled and reconstructed by the state archaeological department of Orissa.

★★★